# ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା

## ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ରେଡକ୍ରସ୍ ପୁରସ୍କାର

**(କୃତିପୂର୍ଣ୍ଣ ଦିବ୍ୟାଙ୍ଗବ୍ୟକ୍ତିଙ୍କ ପାଇଁ)**

ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ପୂର୍ବବର୍ଷ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ମୂକ, ବଧିର, ଦୃଷ୍ଟିହୀନ, ଶାରୀରିକଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ବ୍ୟକ୍ତିମାନଙ୍କୁ ଆଗାମୀ ଉତ୍କଳ ଦିବସ (୧ ଏପ୍ରିଲ ୨୦୨୩)ରେ ପୁରସ୍କୃତ କରାଯିବ । ପ୍ରତ୍ୟେକ ବର୍ଗର ଦୁଇଜଣ ବ୍ୟକ୍ତିଙ୍କୁ ପୁରସ୍କାର ଆକାରରେ ନଗଦ ଟଙ୍କା, ମାନପତ୍ର ଏବଂ ଫଳକ ପ୍ରଦାନ କରାଯିବ । ସରକାରୀ, ଅର୍ଦ୍ଧ ସରକାରୀ ଏବଂ ଦିବ୍ୟାଙ୍ଗମାନଙ୍କ ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ସକ୍ରୀୟ ଅଂଶଗ୍ରହଣ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ପ୍ରତ୍ୟେକ ବର୍ଗରୁ ଦୁଇଜଣ ବ୍ୟକ୍ତିଙ୍କ ନାମ ଅନୁମୋଦନ କରି ଦରଖାସ୍ତ ସହ ଦୁଇଟି ଫଟୋ (ଫୁଲ ସାଇଜର), ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବିବରଣୀ (ନିମ୍ନଲିଖିତ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ) ଓ ଆନୁସଙ୍ଗିକ ସମସ୍ତ ପ୍ରମାଣପତ୍ରର ଏକକିତା ଲେଖାଏଁ ନକଲ ଆସନ୍ତା ତା; ୧୩.୦୨.୨୦୨୩ ରିଖି ସୁଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବେ । ଜିଲ୍ଲାପାଳ ମାନେ ପ୍ରତ୍ୟେକ ବର୍ଗରୁ ଦୁଇଜଣଙ୍କ ନାମ ମନୋନୟନ କରି ତା ୨୨.୦୨.୨୦୨୩ରିଖି ମଧ୍ୟରେ ଅବୈତନିକ ସଚିବ, ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା, ରେଡକ୍ରସ୍ ଭବନ, ଭୁବନେଶ୍ୱର-୨୨ଙ୍କ ଠିକଣାରେ ପଠାଇବେ ।

ବି.ଦ୍ର. : ୨୭.୦୨.୨୦୨୩ରିଖି ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

### ନିର୍ଦ୍ଧାରିତ ଫର୍ମ

୧. ନାମ :

୨. ପିତା/ସ୍ୱାମୀଙ୍କ ନାମ :

୩. ଯୋଗାଯୋଗ କରିବାର ଠିକଣା :

୪. ସ୍ଥାୟୀ ଠିକଣା :

୫. ଜନ୍ମ ତାରିଖ ଏବଂ ତା.୦୧.୦୧.୨୦୨୩ରିଖି ସୁଦ୍ଧା ବୟସ (ବୟସ ପ୍ରମାଣପତ୍ରର ନକଲ ସଂଲଗ୍ନ କରନ୍ତୁ)

୬. ଦିବ୍ୟାଙ୍ଗତା ଜନ୍ମଗତ ଅଥବା ପରବର୍ତ୍ତୀ ସମୟରେ ଭିନ୍ନକ୍ଷମତାର ଶିକାର ହୋଇଛନ୍ତି (ଯଦି ପରବର୍ତ୍ତୀ ସମୟରେ ଦିବ୍ୟାଙ୍ଗତାର ଶିକାର ହୋଇଥାନ୍ତି, ତେବେ ନିର୍ଦ୍ଦିଷ୍ଟ ତାରିଖ ବା ସେ ସମୟରେ ନିଜର ବୟସ ଉଲ୍ଲେଖ କରନ୍ତୁ)

୭. ଦିବ୍ୟାଙ୍ଗତାର ପ୍ରକାର, ପରିମାଣ ଓ ତାର ପ୍ରମାଣ : (ଏ ସମ୍ବନ୍ଧୀୟ ପ୍ରମାଣପତ୍ରର ନକଲ ସଂଲଗ୍ନ କରନ୍ତୁ ।)

୮. ଶିକ୍ଷାଗତ ଯୋଗ୍ୟତା (ପ୍ରମାଣପତ୍ରର ନକଲ ସଂଲଗ୍ନ କରନ୍ତୁ)

୯. ବର୍ତ୍ତମାନ ବୃତ୍ତି (ନିଯୁକ୍ତିଦାତା / କର୍ତ୍ତୃପକ୍ଷଙ୍କ ପ୍ରମାଣପତ୍ରର ନକଲ ସଂଲଗ୍ନ କରନ୍ତୁ)

୧୦. ହାସଲ କରିଥିବା ଉତ୍କର୍ଷତାର ବିବରଣୀ (ତତ୍ସମ୍ବନ୍ଧୀୟ ସମସ୍ତ ପ୍ରମାଣପତ୍ରର ନକଲ ସଂଲଗ୍ନ କରନ୍ତୁ ।)

୧୧. ଏହି ରେଡକ୍ରସ୍ ପୁରସ୍କାର ପାଇଁ ଆପଣ ନିଜକୁ କାହିଁକି ଯୋଗ୍ୟ ବିବେଚିତ କରୁଛନ୍ତି (୨୫୦ଶବ୍ଦରେ ଲେଖି ନିର୍ଦ୍ଧାରିତ ଫର୍ମ ସହିତ ସଂଲଗ୍ନ କରନ୍ତୁ ।)

ବି.ଦ୍ର. : ପୂର୍ବରୁ ରାଜ୍ୟ ରେଡକ୍ରସ୍ ଶାଖାଦ୍ୱାରା ସମ୍ମାନୀତ ହୋଇଥିବା ବ୍ୟକ୍ତିମାନେ ଦରଖାସ୍ତ ନ କରିବା ପାଇଁ ଅନୁରୋଧ ।

ଦରଖାସ୍ତକାରୀଙ୍କ ସ୍ୱାକ୍ଷର

ତାରିଖ :

ସ୍ୱା /- ଅବୈତନିକ ସଂପାଦିକ